ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

## ରାଜ୍ୟ ଅଭିଲେଖାଗାରରେ 'ଅଭିଲେଖ ସପ୍ତାହ'

# ଚଳଚ୍ଚିତ୍ର ପତ୍ରିକା ପ୍ରଚ୍ଛଦ ପ୍ରଦର୍ଶନୀ ଓ ଆଲୋଚନା ଚକ୍ର ଅନୁଷ୍ଠିତ

ଭୁବନେଶ୍ୱର, ତା.୧୮/୦୨/୨୦୨୦

ଆଜି ପୂର୍ବାହ୍ନରେ ଓଡ଼ିଶା ରାଜ୍ୟ ଅଭିଲେଖାଗାରଠାରେ 'ଅଭିଲେଖ ସପ୍ତାହ'ର ଉଦ୍‌ଘାଟନ ସମେତ ଚଳଚ୍ଚିତ୍ର ପତ୍ରିକାର ପ୍ରଚ୍ଛଦ ପ୍ରଦର୍ଶନୀ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ଶୁଭ ଉନ୍ମୋଚନ କରିଥିଲେ । ବିଭାଗୀୟ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଶ୍ରୀ ବିଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ବସନ୍ତ କୁମାର ମଲ୍ଲିକ 'ପଞ୍ଚସଖା ଓ ସାମାଜିକ ପ୍ରତିବାଦ' ଶୀର୍ଷକ ପ୍ରସଙ୍ଗରେ ଓଡ଼ିଆ ଭାଷାର ଅସ୍ମିତା ସୃଷ୍ଟି ସହ ତତ୍‌କାଳୀନ ରଢ଼ୀବାଦୀ ବ୍ୟବସ୍ଥା ବିରୁଦ୍ଧରେ ଗଣତାନ୍ତ୍ରିକ ଆନ୍ଦୋଳନର ସୂତ୍ରପାତ କରିବାରେ ପଞ୍ଚସଖାଙ୍କ ଭୂମିକାକୁ ଚିତ୍ରଣ କରିଥିଲେ । ମୁଖ୍ୟ ଅତିଥି ସଚିବ ଶ୍ରୀ ପାଣିଗ୍ରାହୀ ଅଭିଲେଖ ସପ୍ତାହ ଉପଲକ୍ଷେ ଓଡ଼ିଶାରେ ଚଳଚ୍ଚିତ୍ର ଆରମ୍ଭରୁ ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ଚଳଚ୍ଚିତ୍ର ପତ୍ରିକାଗୁଡ଼ିକର ପ୍ରଚ୍ଛଦ ପ୍ରଦର୍ଶନୀ ରାଜ୍ୟରେ ପ୍ରାୟତଃ ପ୍ରଥମ ଏବଂ ଏ ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ଯାହା ଆଗାମୀ ପିଢ଼ିଙ୍କ ପାଇଁ ସୁସ୍ଥ ବାର୍ତ୍ତା ପ୍ରଦାନ କରିବ ବୋଲି କହିଥିଲେ । ରାଜ୍ୟ ସଂଗ୍ରହାଳୟରେ ଚଳଚ୍ଚିତ୍ର ଗ୍ୟାଲେରୀ ସୃଷ୍ଟି କରାଯାଇ ଥିବାରୁ ଏଥିରେ ପ୍ରଦର୍ଶିତ ସମସ୍ତ ଫଟୋକୁ ସେଠାରେ ସ୍ଥାନିତ କରିବାକୁ ସେ ପରାମର୍ଶ ଦେଇଥିଲେ । ଏଥି ସହିତ ୧୯୫୧ ମସିହରେ ପ୍ରକାଶିତ 'ସିନେ ଓଡ଼ିଶା' ପତ୍ରିକାର ପ୍ରଚ୍ଛଦପଟରେ ସ୍ଥାନିତ ଚଳଚ୍ଚିତ୍ର ନାୟିକା ଲୀଳା ଦୁଲାଳୀଙ୍କ ଫଟୋର ବ୍ୟାଖ୍ୟାନ କରି ୨୦୧୭ ମସିହାରେ ପ୍ରକାଶିତ ଓଲିଉଡ୍ ମିରର୍ ଯାଏଁ ସୁନ୍ଦର ଓ ସୂକ୍ଷ୍ମ ବିବରଣୀ ଉପସ୍ଥାପନ କରି ଏହି ଉଦ୍ୟମ ନିଶ୍ଚିତ ଭାବେ ଉପାଦେୟ ହେବ ବୋଲି ଆଶାପୋଷଣ କରିଥିଲେ । ସଭାପତି ଶ୍ରୀ ନାୟକ ସମ୍ଭ୍ରାନ୍ତ ଭାଷା ଓ ଜନଭାଷା, ସମ୍ଭ୍ରାନ୍ତ ଧର୍ମ ଓ ଲୋକଧର୍ମ ଇତ୍ୟାଦିର ଉଦାହରଣ ଦେଇ ଚଳଚ୍ଚିତ୍ର ସମାଜକୁ ବାର୍ତ୍ତା ପ୍ରଦାନ କରିବାରେ ଏକ ବଳିଷ୍ଠ ମାଧ୍ୟମ ହୋଇପାରିଛି ବୋଲି କହିଥିଲେ ।

ପ୍ରାରମ୍ଭରେ ସିନେ ସାମ୍ବାଦିକ ତଥା ଗବେଷକ ଶ୍ରୀ ସୂର୍ଯ୍ୟ ଦେଓ ସଂକ୍ଷିପ୍ତ ବକ୍ତବ୍ୟରେ ଏପରି ଉଦ୍ୟମର ଆଭିମୁଖ୍ୟ ସଂପର୍କରେ ବୁଝାଇଥିଲେ । ଏହି ଅବସରରେ 'ସିନେ ଗାଇଡ୍' ଓ 'ବାଣୀଚିତ୍ର'ର ସଂପାଦକ ଶ୍ରୀ ପରୀକ୍ଷିତ ଜେନା ଓ 'ମନୋରଞ୍ଜନ' ପତ୍ରିକାର ସଂପାଦକ ଶ୍ରୀ ଶ୍ରୀକାନ୍ତ ମହାନ୍ତିଙ୍କୁ ସେମାନଙ୍କ ସହଯୋଗ ନିମନ୍ତେ ଉପଢୌକନ ଓ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା । କନ୍ଧମାଳ ଜିଲ୍ଲାର ସାରସ୍ୱତ ସାଧକ ସ୍ୱର୍ଗତ ପଣ୍ଡିତ ରଘୁନାଥ ରଥଙ୍କ ପ୍ରଦତ୍ତ ୨୫୦୦ ଖଣ୍ଡ ବିରଳ ପୁସ୍ତକକୁ ଅଭିଲେଖଗାର ପକ୍ଷରୁ ଆନୁଷ୍ଠାନିକ ଭାବେ ଗ୍ରହଣ କରାଯାଇଥିଲା । ସ୍ୱୀକାରୋକ୍ତି ସ୍ୱରୂପ ସିନେ ସମୀକ୍ଷକ ଶ୍ରୀ ଅନୀଲ

ଧୀରଙ୍କୁ ପ୍ରତିନିଧି ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଉତ୍କଳ ବିକାଶ ଯୁବ ପରିଷଦ ତରଫରୁ ନେତାଜୀ ସୁଭାଷ ବୋଷଙ୍କ ଉପରେ ରଚିତ ବିରଳ ପୁସ୍ତକ ସଂଗ୍ରହ କରି ଅଭିଲେଖାଗାରକୁ ପ୍ରଦାନ କରିଥିବା ହେତୁ ପରିଷଦର ସଦସ୍ୟସଦସ୍ୟା ସୁଶ୍ରୀ ସରିତା ବାରିକ, ମନୋରଞ୍ଜନ ନାୟକ, କିଶୋର ଚନ୍ଦ୍ର ସ୍ୱାଇଁ, ଗୌରାଙ୍ଗ ଚନ୍ଦ୍ର ନାୟକ, ହେମନ୍ତ ସାମଲ, ଦେବୀ ପ୍ରସାଦ ପୃଷ୍ଟି ଓ ଶରତ ଭୂୟାଁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଲୋଚନା ସଭାରେ ଅଭିଲେଖଗାର ଅଧୀକ୍ଷକ ଡ. ଶେଖ୍ ସୁଲେମାନ୍ ଅଲ୍ଲୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଭାଷାବିତ୍ ଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ଶ୍ରୀ ରାଜକିଶୋର ମିଶ୍ର, ସିନେ ନିର୍ଦ୍ଦେଶକ ଶ୍ରୀ ସବ୍ୟସାଚୀ ମହାପାତ୍ର, ଶ୍ରୀ ଗଦାଧର ପୁଞ୍ଜି, ଅଭିନେତା ହରିଶ ମହାପାତ୍ର, ଶ୍ରୀ ରମେଶ ମହାନ୍ତି, ଶ୍ରୀ ସଚ୍ଚି ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ସାହିତ୍ୟିକ, ସିନେ ପ୍ରଯୋଜକ, ନିର୍ଦ୍ଦେଶକ, ସିନେ ସାମ୍ବାଦିକ ପ୍ରମୁଖ ଯୋଗଦେଇଥିଲେ ।

ସୁବାଷ ନିଆଲ
ସୂଚନା ଅଧିକାରୀ